The Odisha Gazette

EXTRAORDINARY

PUBLISHED BY AUTHORITY

**No. 1797 CUTTACK, MONDAY, OCTOBER 17, 2016/ASWINA 25, 1938**

# ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ, ବଡ଼ବିଲ
# ସହର ଯୋଜନା ଶାଖା କାର୍ଯ୍ୟାଳୟ, କେନ୍ଦୁଝର

## ବିଜ୍ଞପ୍ତି

ତାରିଖ ୧୭ ସେପ୍ଟେମ୍ବର ୨୦୧୬

ସଂଖ୍ୟା ୧୭୩—— ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ, ବଡ଼ବିଲଙ୍କ ପରିସରଭୁକ୍ତ ବଡ଼ବିଲ ପୌରାଂଚଳର ସମସ୍ତ ୧୧ଟି ଗ୍ରାମ ଓ ଏଥି ସଂଲଗ୍ନ ବଡ଼ବିଲ ତହସିଲ ଅଧୀନସ୍ଥ ଅନ୍ୟ ୯ ଗୋଟି ରାଜସ୍ୱ ଗ୍ରାମ ଏହିପରି ନିମ୍ନ ଅନୁସୂଚିତ ସର୍ବମୋଟ ୨୦ ଗୋଟି ରାଜସ୍ୱ ଗ୍ରାମକୁ ନେଇ ଭୌଗୋଳିକ ସୂଚନା ପଦ୍ଧତି **(G.I.S.)** ଭିତ୍ତିରେ ୫୭.୮୭ ବର୍ଗ କି.ମି. ପରିମିତ ଅଂଚଳ ପାଇଁ ଓଡ଼ିଶା ସହର ଯୋଜନା ଓ ଉନ୍ନୟନ ସଂସ୍ଥା ଅଧିନିୟମ, ୧୯୫୬ର ଧାରା ୩୧ ଏବଂ ଉପଧାରା ୧ ଅନୁଯାୟୀ ଏକ ଚିଠା ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଅଛି । ଉକ୍ତ ଚିଠା ଯୋଜନାର ଏକକିତା ନକଲ ବଡ଼ବିଲ ସହରସ୍ଥ ବିକାଶ ମହଲଠାରେ ସର୍ବସାଧାରଣଙ୍କ ନିରୀକ୍ଷଣ ନିମନ୍ତେ ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ଣ ୧୧ ଘଟିକା ଠାରୁ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶନର ୬୦ ଦିନ ପର୍ଯ୍ୟନ୍ତ ଉପଲବ୍ଧ ଅଟେ । ଏତ୍‌ଦବ୍ୟତୀତ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ, ବଡ଼ବିଲଙ୍କ ୱେବ୍‌ସାଇଟ୍ **www.spabarbil.com** ରେ ଏହା ଉପଲବ୍ଧ ଅଟେ ।

ସର୍ବସାଧାରଣଙ୍କୁ ଅନୁରୋଧ ସେମାନେ ଏହି ଯୋଜନା ଚିଠାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଉକ୍ତ ଯୋଜନା ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ମତାମତ ଥିଲେ ସ୍ୱତନ୍ତ୍ର ଯୋଜନା ଅଧିକାରୀ, ବଡ଼ବିଲଙ୍କୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶନର ୬୦ ଦିନ ମଧ୍ୟରେ ଆବେଦନ କରିପାରିବେ ।

ବିଶେଷ ଦ୍ରଷ୍ଟବ୍ୟ :—— ଅଭିଯୋଗ କିମ୍ବା ମତାମତ ପ୍ରଦାନକାରୀ ବ୍ୟକ୍ତି ତାଙ୍କର ପୁରା ନାମ ସହିତ ସମ୍ପୂର୍ଣ୍ଣ ଠିକଣା ଜଣାଇବା ବିଧେୟ ।

## ଅନୁସୂଚୀ

ଜିଲ୍ଲାର ନାମ – କେନ୍ଦୁଝର

ତହସିଲର ନାମ – ବଡ଼ବିଲ

ଥାନାର ନାମ – ବଡ଼ବିଲ

| କ୍ରମିକ ନଂ. | ମୌଜାର ନାମ | ଥାନା ନଂ. | ପୌର ପରିଷଦ/ପଂଚାୟତର ନାମ |
|---|---|---|---|
| (୧) | (୨) | (୩) | (୪) |
| ୧ | ନାଲଦା | ୦୨ | ବଡ଼ବିଲ ପୌରାଂଚଳ |
| ୨ | ବେଲକୁଣ୍ଡି | ୦୩ | ବଡ଼ବିଲ ପୌରାଂଚଳ |
| ୩ | କାରକୋହ୍ଲା | ୦୪ | ବଡ଼ବିଲ ପୌରାଂଚଳ |
| ୪ | ଶାନ୍ତ ବାହାଲ | ୧୬ | ବଡ଼ବିଲ ପୌରାଂଚଳ |
| ୫ | ବଡ଼ବିଲ ୟୁନିଟ୍ – ୭ | ୧୨ | ବଡ଼ବିଲ ପୌରାଂଚଳ |

| (୧) | (୨) | (୩) | (୪) |
|---|---|---|---|
| ୬ | ବଡ଼ବିଲ ୟୁନିଟ୍ – ୮ | ୧୫ | ବଡ଼ବିଲ ପୌରାଂଚଳ |
| ୭ | ସୁଂଦରା ୟୁନିଟ୍ – ୧୨ | ୧୩ | ବଡ଼ବିଲ ପୌରାଂଚଳ |
| ୮ | ସୁଂଦରା ୟୁନିଟ୍ – ୧୩ | ୧୪ | ବଡ଼ବିଲ ପୌରାଂଚଳ |
| ୯ | ଦଲ୍‌କି | ୦୭ | ବଡ଼ବିଲ ପୌରାଂଚଳ |
| ୧୦ | ସଡ଼ିଂଗ | ୧୧ | ବଡ଼ବିଲ ପୌରାଂଚଳ |
| ୧୧ | ମାଡ଼କାମ୍ବେଡ଼ା | ୨୦ | ବଡ଼ବିଲ ପୌରାଂଚଳ |
| ୧୨ | ଉଲିବୁରୁ | ୦୧ | ବାଲଗୋଡ଼ା ଗ୍ରାମପଂଚାୟତ |
| ୧୩ | ହାୟାରପୁର | ୧୭ | ବାଲଗୋଡ଼ା ଗ୍ରାମପଂଚାୟତ |
| ୧୪ | ସେରେଣ୍ଡା | ୨୬ | ଭଦ୍ରାସାହି ଗ୍ରାମପଂଚାୟତ |
| ୧୫ | କାଶିଆ (କ) | ୨୫ | ଭଦ୍ରାସାହି ଗ୍ରାମପଂଚାୟତ |
| ୧୬ | କାଶିଆ (ଖ) | ୨୩ | ଭଦ୍ରାସାହି ଗ୍ରାମପଂଚାୟତ |
| ୧୭ | ମାଟିଆପଶି | ୨୪ | ଭଦ୍ରାସାହି ଗ୍ରାମପଂଚାୟତ |
| ୧୮ | ଭୁସୁଗାଁ | ୨୭ | ଭଦ୍ରାସାହି ଗ୍ରାମପଂଚାୟତ |
| ୧୯ | ଝାଡ଼ଗାଁ | ୩୦ | ଭଦ୍ରାସାହି ଗ୍ରାମପଂଚାୟତ |
| ୨୦ | ଭଦ୍ରାସାହି | ୨୮ | ଭଦ୍ରାସାହି ଗ୍ରାମପଂଚାୟତ |

ଚୌହଦି ମୌଜା – ଝାଡ଼ଖଣ୍ଡ ରାଜ୍ୟ ।

ଦକ୍ଷିଣ – କୋହ୍ଲାବରପଡ଼ା ନଂ. ୨୨, ଟଣ୍ଡୋ ନଂ. ୩୧, ଫୁଲବାଡ଼ି ନଂ. ୨୯, ସିଦ୍ଧମଠ ସଂରକ୍ଷିତ ଜଂଗଲ ।

ପୂର୍ବ – କାରଖେଣ୍ଡେରା ନଂ. ୦୫, ଠାକୁରାଣୀ ସଂରକ୍ଷିତ ଜଂଗଲ ।

ପଶ୍ଚିମ – ଲିମିଟୁର ନଂ. ୧୮, ବାଲଗୋଡ଼ା ନଂ. ୧୯, ବଲାଣୀ ନଂ. ୨୧, କାରୋ ସଂରକ୍ଷିତ ଜଂଗଲ ।

**ପ୍ରଶାନ୍ତ କୁମାର ପରିଡ଼ା**

ସ୍ୱତନ୍ତ୍ର ଯୋଜନା ଅଧିକାରୀ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1217—173+10